# NATIONAL NEWS BULLETIN (ODIA)

**3 May- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଭାରତ ଓ ଆଙ୍ଗୋଲା ମଧ୍ୟରେ ନୂଆଦିଲ୍ଲୀଠାରେ ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ।

- ଆତଙ୍କବାଦ ଏବଂ ଏହାର ପ୍ରୋତ୍ସାହନପ୍ରଦାନକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ-କହିଲେ ପ୍ରଧାନମନ୍ତ୍ରୀ ।

- ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ୭ଟି ବିଶ୍ୱସ୍ତରୀୟ କମ୍ପାନୀ ସହ ସ୍ୱାକ୍ଷରିତ ହେଲା ବୁଝାମଣାପତ୍ର ।

- ଗଣମାଧ୍ୟମ ସ୍ୱାଧୀନତା ସପକ୍ଷରେ ପଦକ୍ଷେପକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପ୍ରେସ୍ ଦିବସ ।

- ଗୋଆରେ ଲାଇରାଇ ଯାତ୍ରା ମହୋତ୍ସବରେ ଦଳାଚକଟାରେ ୬ଜଣଙ୍କର ମୃତ୍ୟୁ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର୍‌କିଙ୍ଗ୍‌ସ ମଧ୍ୟରେ ହେବ ମୁକାବିଲା ।

---

# ପିଏମ୍ ମୋଦୀ ଆଙ୍ଗୋଲା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆଙ୍ଗୋଲା ରାଷ୍ଟ୍ରପତି ଜୋଆଓ ମାନୁଏଲ୍ ଗୋଙ୍କାଲେଭ୍ସ ଲୋରେଙ୍କୋ ମଧ୍ୟରେ ନୂଆଦିଲ୍ଲୀଠାରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଦୁଇଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କୃଷି, ପାରମ୍ପରିକ ଔଷଧ ଏବଂ ସଂସ୍କୃତି କ୍ଷେତ୍ରରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି । ଆଲୋଚନା ବୈଠକ ପରେ ପ୍ରଧାନମନ୍ତ୍ରୀ ମିଳିତ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଆତଙ୍କବାଦ ଏବଂ ଏହାର ପ୍ରୋତ୍ସାହନ ପ୍ରଦାନକାରୀଙ୍କ ବିରୁଦ୍ଧରେ ଭାରତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ । ସୀମାପାର୍ ଆତଙ୍କବାଦ ବିରୁଦ୍ଧରେ ଆଙ୍ଗୋଲାର ସହଯୋଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଚ୍ଚପ୍ରଶଂସା କରିଛନ୍ତି ।

**V/O (PM Modi)**

ପ୍ରତିରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଆଙ୍ଗୋଲାର ପ୍ରତିରକ୍ଷା ବାହିନୀକୁ ତାଲିମ ପ୍ରଦାନ କରିବାକୁ ଭାରତ ଆଗ୍ରହ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତିନିଦିନିଆ ଭାରତ ଗସ୍ତରେ ଆସି ଆଙ୍ଗୋଲା ରାଷ୍ଟ୍ରପତି ଗତକାଲି ନୂଆଦିଲ୍ଲୀଠାରେ ପହଞ୍ଚିଛନ୍ତି । ତାଙ୍କ ସହ ସେଠାକାର ମନ୍ତ୍ରିମଣ୍ଡଳର ସଦସ୍ୟ, ବରିଷ୍ଠ ଅଧିକାରୀ, ବ୍ୟବସାୟିକ ଏବଂ ଗଣମାଧ୍ୟମ ସଂସ୍ଥାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି

ପୂର୍ବାହ୍ନରେ ରାଷ୍ଟ୍ରପତି ଭବନଠାରେ ଆଙ୍ଗୋଲା ରାଷ୍ଟ୍ରପତିଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ପୂର୍ବାହ୍ନରେ ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି ରାଷ୍ଟ୍ରପତି ଲୋରେଙ୍କୋ ଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ଭାଗିଦାରିତାକୁ ଅଧିକ ସୁଦୃଢ଼ କରିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଆଜି ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ଏହି ଅବସରରେ ତାଙ୍କ ସମ୍ମାନାର୍ଥେ ଏକ ଭୋଜିର ମଧ୍ୟ ଆୟୋଜନ କରାଯାଇଛି ।

ଗଣମାଧ୍ୟମ ସହ ଆଲୋଚନା ବେଳେ ରାଷ୍ଟ୍ରପତି ଲେରେଙ୍କୋ କହିଛନ୍ତି ୩୮ବର୍ଷ ପରେ ଭାରତକୁ ତାଙ୍କର ପ୍ରଥମ ଗସ୍ତ ଆଙ୍ଗୋଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୂହୁର୍ତ୍ତ । ଦୁଇଦେଶ ମଧ୍ୟରେ ସହଯୋଗ ଓ ଅଧିକ ସୁଦୃଢ଼ କରିବା ତାଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ରାଷ୍ଟ୍ରପତି ଲୋରେଙ୍କୋ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଚଳିତବର୍ଷ ଭାରତ ଓ ଆଙ୍ଗୋଲା କୂଟନୈତିକ ସମ୍ପର୍କର ୪୦ତମ ବାର୍ଷିକୀ ପାଳନ କରୁଛି । ରାଷ୍ଟ୍ରପତି ଲୋରେଙ୍କୋ ନୂଆଦିଲ୍ଲୀଠାରେ ଆସନ୍ତାକାଲି ଏକ ବ୍ୟବସାୟୀକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଦୁଇଦେଶ ମଧ୍ୟରେ ବାଣିଜ୍ୟ କାରବାର ୪ ବିଲିୟନ

ଡଲାରରେ ପହଞ୍ଚିଥିଲା । ଦ୍ୱିପାକ୍ଷିକ ସମ୍ପର୍କ, ଭାଗିଦାରିତା, ଦକ୍ଷତା ବୃଦ୍ଧି ଏବଂ ପ୍ରତିରକ୍ଷା ସମ୍ପର୍କ ଆଡକୁ କ୍ରମଶଃ ସମ୍ପ୍ରସାରିତ ହେଉଛି । ମିଳିତ ଜାତିସଂଘ ସମେତ ବିଭିନ୍ନ ବହୁପକ୍ଷ ସମ୍ମିଳନୀରେ ଉଭୟଦେଶ ପରସ୍ପରର ପ୍ରାର୍ଥୀତ୍ୱକୁ ସମର୍ଥନ କରୁଛନ୍ତି ।

## କମ୍ୟୁନିଟି ରେଡ଼ିଓ ସମ୍ମେଳନ

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏମ୍. ମୁରୁଗାନ ଦେଶରେ କମ୍ୟୁନିଟି ରେଡ଼ିଓ ଦ୍ୱାରା ଗ୍ରହଣ କରାଯାଉଥିବା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି । ୱେଭ୍ସ ଶିଖର ସମ୍ମିଳନୀରେ ଆଜି କମ୍ୟୁନିଟି ରେଡ଼ିଓ ସମ୍ମେଳନର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧନ କରି ସେ ଏହା କହିଛନ୍ତି । କମ୍ୟୁନିଟି ରେଡ଼ିଓ ଆମ ପରମ୍ପରାକୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି । ସମାଜ ପ୍ରତି ସମର୍ପଣ ଏବଂ ପ୍ରତିବଦ୍ଧତାକୁ କମ୍ୟୁନିଟି ରେଡ଼ିଓ ପ୍ରତିପାଦନ କରୁଛି ବୋଲି ଡକ୍ଟର ମୁରୁଗାନ କହିଛନ୍ତି ।

**V/O (Murgan)**

ଏହି ଅଧିବେଶନରେ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଉପସ୍ଥିତ ଥିଲେ । ଏହି ଅବସରରେ ଡକ୍ଟର ମୁରୁଗାନ ଦଶମ ଜାତୀୟ କମ୍ୟୁନିଟି ରେଡ଼ିଓ ପୁରସ୍କାର ପ୍ରଦାନ କରିଥିଲେ । ବିହାରର ମୟୂର କଳାକେନ୍ଦ୍ରର ରେଡ଼ିଓ ମୟୂର ବିଷୟଗତ ପୁରସ୍କାର ବର୍ଗରେ ଟେକ୍ସଫି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପୁରସ୍କାର ହାସଲ କରିଛି ।

## ୱାର୍ଲ୍ଡ ପ୍ରେସ୍ ଫ୍ରିଡମ ଡେ

ଗଣମାଧ୍ୟମ ସ୍ୱାଧୀନତା ସପକ୍ଷରେ ପଦକ୍ଷେପକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ପ୍ରେସ୍ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ନୂତନ ଦୃଢ଼ ଦୁନିଆରେ ରିପୋର୍ଟିଂ-ଗଣମାଧ୍ୟମ ସ୍ୱାଧୀନତା ଓ ଏହା ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ'। ସାମ୍ବାଦିକତା, ଗଣମାଧ୍ୟମ ଏବଂ ପ୍ରେସ୍ ସ୍ୱାଧୀନତାରେ କୃତ୍ରିମ ବୁଦ୍ଧିମତାର ଦ୍ରୁତ ଅଭିବୃଦ୍ଧି ଓ ବ୍ୟବହାରକୁ ଏହି ବିଷୟବସ୍ତୁ ଆଲୋକପାତ କରୁଛି । ୧୯୯୧ ମସିହାରେ ୟୁନେସ୍କୋର ସାଧାରଣ ପରିଷଦର ୨୬ତମ ଅଧିବେଶନରେ ଗୃହୀତ ସୁପାରିଶ ଆଧାରରେ ୧୯୯୩ ମସିହାରେ ମିଳିତ ଜାତିସଂଘ ସାଧାରଣ ସଭାଦ୍ୱାରା ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ ଘୋଷଣା କରାଯାଇଥିଲା । ତେବେ ଏହି ଦିବସ ପାଳନ କରାଯିବାର ନିଷ୍ପତ୍ତି ପୂର୍ବରୁ ୱିଣ୍ଡ୍ ହୋକ୍ ଘୋଷଣାନାମାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଆଫ୍ରିକାର ୱିଣ୍ଡ୍ ହୋକ୍ ଘୋଷଣାନାମାକୁ ମୁକ୍ତ, ଅବାଧ ଓ ବହୁବାଦୀ ପ୍ରେସ୍ ବା ଗଣମାଧ୍ୟମ ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା ।

## କମ୍ୟୁନିଟି ରେଡ଼ିଓ ସମ୍ମେଳନ

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଦେଶରେ କମ୍ୟୁନିଟି ରେଡ଼ିଓ ଦ୍ୱାରା ଗ୍ରହଣ କରାଯାଉଥିବା ପଦକ୍ଷେପକୁ ଉଚ୍ଚ ପ୍ରଶଂସା

କରିଛନ୍ତି । ଓ୍ୱେଭ୍‌ସ ଶିଖର ସମ୍ମିଳନୀରେ ଆଜି କମ୍ୟୁନିଟି ରେଡ଼ିଓ ସମ୍ମେଳନର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧନ କରି ସେ ଏହା କହିଛନ୍ତି । କମ୍ୟୁନିଟି ରେଡ଼ିଓ ଆମ ପରମ୍ପରାକୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି । ସମାଜ ପ୍ରତି ସମର୍ପଣ ଏବଂ ପ୍ରତିବଦ୍ଧତାକୁ କମ୍ୟୁନିଟି ରେଡ଼ିଓ ପ୍ରତିପାଦନ କରୁଛି ବୋଲି ଡକ୍ଟର ମୁରୁଗାନ କହିଛନ୍ତି ।

**V/O (Murgan)**

ଏହି ଅଧିବେଶନରେ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଉପସ୍ଥିତ ଥିଲେ । ଏହି ଅବସରରେ ଡକ୍ଟର ମୁରୁଗାନ ଦଶମ ଜାତୀୟ କମ୍ୟୁନିଟି ରେଡ଼ିଓ ପୁରସ୍କାର ପ୍ରଦାନ କରିଥିଲେ ।  ବିହାରର ମୟୂର କଳାକେନ୍ଦ୍ରର ରେଡ଼ିଓ ମୟୂର ବିଷୟଗତ ପୁରସ୍କାର ବର୍ଗରେ ଟେକ୍‌ସଖି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପୁରସ୍କାର ହାସଲ କରିଛି ।

## ଗୋଆ – ଷ୍ଟାମ୍‌ପେଡ

ଗୋଆରେ ଆଜି ଶ୍ରୀ ଲାଇରାଇ ଯାତ୍ରା ମହୋତ୍ସବରେ ଦଳାଚକଟାରେ ୬ଜଣଙ୍କର ମୃତ୍ୟୁ ହୋଇଛି । ୮୦ରୁ ଅଧିକ ଲୋକ ଏଥିରେ ଆହତ ହୋଇଛନ୍ତି । ବିଚୋଲିମ ଅନ୍ତର୍ଗତ ସିରଗାଓ ଗ୍ରାମଠାରେ ଆଜି ସକାଳେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କର ଭିଡ଼ ଜମିଥିଲା । ଶହଶହ ବର୍ଷ ଧରି ମନ୍ଦିରରେ ଏହି ପରମ୍ପରା ଚଳିଆସୁଛି । ଏହି କାର୍ଯ୍ୟକ୍ରମ ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଦୃଷ୍ଟିରୁ ଦଳାଚକଟା

ହୋଇଥିଲା । ଆହତଙ୍କୁ ମାପୁସା ଜିଲ୍ଲା ଡାକ୍ତରଖାନା ଏବଂ ଗୋଆ ମେଡ଼ିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ ଡାକ୍ତରଖାନାରେ ଆହତଙ୍କୁ ଭେଟି ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି...

**V/O**

ଘଟଣା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖପ୍ରକାଶ କରିଛନ୍ତି । ତାଙ୍କ ଶୋକବାର୍ତ୍ତାରେ ସେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ପିଏମ୍-ବାଲ ପୁରସ୍କାର

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପାଇଁ ଆବେଦନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ । ୫ରୁ ୧୮ବର୍ଷ ବୟସ୍କ ପିଲାଙ୍କ ପାଇଁ ଏଥିପାଇଁ ଆବେଦନ କରାଯାଇପାରିବ । ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ହେଉଛି ଏକ ସମ୍ମାନଜନକ ଜାତୀୟସ୍ତରୀୟ ପୁରସ୍କାର, ଯାହା ଦେଶର ଶିଶୁଙ୍କ

ଅସାଧାରଣ ଉପଲବ୍ଧିକ ସ୍ୱୀକୃତି ପ୍ରଦାନ କରିଥାଏ । ପ୍ରତିବର୍ଷ ରାଷ୍ଟ୍ରପତିଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସାହସିକତା, ସମାଜସେବା, ପରିବେଶ, କ୍ରୀଡ଼ା, କଳା ଓ ସଂସ୍କୃତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ପିଲାଙ୍କୁ ଏଥିପାଇଁ ମନୋନୀତ କରାଯାଇଥାଏ । ଆବେଦନପତ୍ର **awards.gov.in** ସରକାରୀ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍ ଦାଖଲ କରାଯାଇ ପାରିବ । କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଏହି ପୁରସ୍କାର ପାଇଁ ପିଲାଙ୍କର ନାମାଙ୍କନପତ୍ର ଦାଖଲ କରିପାରିବେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର୍‌କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୩୮ରନ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା ।